# ସମ୍ବାଦ
# ତାରିଖ: ୧୨.୦୮.୨୦୨୬

## ବିଆଇଆଇଟିଏମ୍‌ରେ ସ୍ପାର୍କ-୨୦୨୬ ଉଦ୍‌ଘାଟିତ




ଚନ୍ଦ୍ରଶେଖରପୁର, ୧୧/୮(ଇମିସ): ବିଜୁ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଇନ୍‌ଫର୍‌ମେସନ୍ ଟେକ୍ନୋଲୋଜି ଆଣ୍ଡ୍ ମ୍ୟାନେଜ୍‌ମେଣ୍ଟ ଷ୍ଟଡିଜ୍(ବିଆଇଆଇଟିଏମ୍)ରେ ଇଣ୍ଟିଗ୍ରେଟେଡ୍ ଏମ୍‌ବିଏ(ଆଇଏମ୍‌ବିଏ) ଛାତ୍ରଛାତ୍ରୀଙ୍କ ପାଇଁ ତିନିଦିନିଆ ସଚେତନତା କାର୍ଯ୍ୟକ୍ରମ ସ୍ପାର୍କ-୨୦୨୬ ଉଦ୍‌ଘାଟିତ ହୋଇଛି। ଉଦଘାଟନୀ ଅଧିବେଶନରେ ସେଞ୍ଚୁରିଆନ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସୁପ୍ରିୟା ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଜାତିସଂଘର ସ୍ଥାୟୀ ବିକାଶ ଲକ୍ଷ୍ୟ ଏବଂ ସ୍ଥାୟିତ୍ୱର '୩-ପି' ଯଥା ପିପୁଲ୍, ପ୍ଲାନେଟ୍ ଓ ପ୍ରଫିଟ୍ ଉପରେ ବକ୍ତବ୍ୟ ରଖିଥିଲେ। କର୍ପୋରେଟ୍ ଲିଡର ଅଭିନାଶ ସାମଲ ମୁଖ୍ୟବକ୍ତା ଭାବେ ଯୋଗଦେଇ ଲକ୍ଷ୍ୟ ହାସଲ ପାଇଁ ଧ୍ୟାନ କେନ୍ଦ୍ରିତ, ଦୟାଳୁ ଓ ସତ୍ୟବାନ ରହିବାକୁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷାନୁଷ୍ଠାନ ଅଧ୍ୟକ୍ଷ ପ୍ରଫେସର ମିହିର ରଞ୍ଜନ ନାୟକ ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ଶିକ୍ଷାଗତ ଓ ବୃତ୍ତିଗତ ଯାତ୍ରାରେ ଶୃଙ୍ଖଳା ଏବଂ ଦୃଢ଼ ନୈତିକ ମୂଲ୍ୟବୋଧକୁ ଗ୍ରହଣ କରିବାକୁ କହିଥିଲେ। ଆଇ-ଏମ୍‌ବିଏ ଡିନ୍ ପ୍ରଫେସର ଧନଞ୍ଜୟ ବେଉରା ସ୍ୱାଗତ ଭାଷଣ ଦେଇଥିଲେ। ଏହାପରେ ବିଆଇଆଇଟିଏମ୍‌ର ମୂଲ୍ୟବୋଧକୁ ବଜାୟ ରଖିବା ଏବଂ ଉତ୍କର୍ଷତା ପାଇଁ ପ୍ରୟାସ କରିବାକୁ ଛାତ୍ରଛାତ୍ରୀ ଶପଥ ନେଇଥିଲେ। ପ୍ରଫେସର ଚିନ୍ମୟ କୁମାର ଦାଶଙ୍କ ଦ୍ୱାରା 'ଉତ୍କର୍ଷତା ପ୍ରତି ପ୍ରତିବଦ୍ଧତା: ଶୈକ୍ଷିକ ମାନଦଣ୍ଡକୁ ବଜାୟ ରଖିବା' ଶୀର୍ଷକ ଏକ ଅଧିବେଶନ ଉଚ୍ଚ ଶୈକ୍ଷିକ ଏବଂ ନୈତିକ ମାନଦଣ୍ଡ ବଜାୟ ରଖିବାର ଗୁରୁତ୍ୱକୁ ଦୃଢ଼ କରିଥିଲା। ଆସନ୍ତାଦୁଇ ଦିନ କର୍ପୋରେଟ୍ ଆଲୋଚନା, ଦକ୍ଷତା ବିକାଶ କର୍ମଶାଳା, ସୁସ୍ଥତା ଅଧିବେଶନ, ପୂର୍ବତନ ଛାତ୍ରଙ୍କ ସହିତ ଆଲୋଚନା, କ୍ୟାମ୍ପସ ସଂଯୋଗ କାର୍ଯ୍ୟକଳାପ ଓ ଶୈକ୍ଷିକ ବିଶେଷଜ୍ଞ ଆଲୋଚନା ଜାରିରହିବ।